## ସଂକ୍ଷେପରେ

### ୨୬ ଲିଟର ଚୋରା ମଦ ଜବତ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୧।୭(ଡି.ଏନ.ଏ.)-ବେଆଇନ ଭାବେ ଚୋରା ଦେଶୀମଦ ଚଲାଣ କରୁଥିବା ବେଳେ ସୋମବାର ଦିଗପହଣ୍ଡି ଅଧିକାରୀ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୬ ଲିଟର ଚୋରା ଦେଶୀମଦ ଜବତ କରିଛି। ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଭ୍ରମରପୁର ଦଣ୍ଡାସିସାହିର ବାରିକ ନାୟକ। ତାଙ୍କ ବିରୋଧରେ ଅବକାରୀ ମାମଲା ରୁଜୁ କରି ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ଉପକାରାଗାରକୁ ପଠାଯାଇଛି। ଦିଗପହଣ୍ଡି ଅବକାରୀ କର୍ମଚାରୀମାନେ ସୋମବାର ଭ୍ରମରପୁର ଗ୍ରାମରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ବାରିକ ହାତରେ ଚୋରା ଦେଶୀମଦ ବିକ୍ରୀ କାରିବା ପାଇଁ ଯାଉଥିବା ବେଳେ ଧରାପଡ଼ିଥିଲେ। ଚଢାଉରେ ଦିଗପହଣ୍ଡି ଅବକାରୀ ଏସ୍ଆଇ ସନ୍ତୋଷ କୁମାର ସାହୁ, ଏଏସ୍ଆଇ ବସନ୍ତ କୁମାର ବେହେରା, ଏନ୍.ତ୍ରିପତି, ସ୍ୱଏମ୍ବୁ କହଁର, ନିରଞ୍ଜନ ବେହେରା, ଆଲ୍‌ଫାଲତା ସାହୁ ପ୍ରମୁଖ ସାମିଲ୍ ଥିଲେ।

### ମନ୍ଦିର ସମ୍ମୁଖରେ ପହଞ୍ଚିଲେ ତିନି ଠାକୁର

ଧରାକୋଟ,୧୧।୭(ଡି.ଏନ୍.ଏ.): ଧରାକୋଟ ଗଡ଼ର ବାହୁଡା ଯାତ୍ରା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ରଥ ଅଧା ବାଟରେ ରବିବାର ଅଟକିବା ପରେ ସୋମବାର ପୁଣି ଟଣାଯାଇଥିଲା। ମାଉସୀମା ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଠାକୁର ମାନଙ୍କୁ ପୋଡପିଠା ସମର୍ପଣ କରାଯାଇଥିଲା। ମା' ଲକ୍ଷ୍ମୀ ଠାକୁରଙ୍କୁ ଡାକରା ପରେ ରଥ ଆସି ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସନ୍ଧ୍ୟାରେ ଠାକୁରଙ୍କ ଆଳତୀ କରାଯାଇଥିଲା। ମଙ୍ଗଳବାର ରୀତିନୀତି ପରେ ରତ୍ନ ସିଂହାସନକୁ ତିନି ଠାକୁର ବିଜେ କରିବେ।

### ସେପ୍ଟେମ୍ବର ୧୦ରେ ଏଆଇଡିଏସ୍‌ଓରେ ଛାତ୍ର ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୧।୭: ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ସେପ୍ଟେମ୍ବର ୧୦ ଓ ୧୧ ତାରିଖରେ ବ୍ରହ୍ମପୁରଠାରେ ୧୧ତମ ଓଡ଼ିଶା ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହେବ। ଏ ନେଇ ସୋମବାର ସଂଘ ପକ୍ଷରୁ ପ୍ରକାଶମ୍ ହଲ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର, ରାଜ୍ୟରେ ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୂରଣ ସମେତ ଅନ୍ୟାନ୍ୟ ଶିକ୍ଷାଗତ ଦାବିରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ।

# ଜିଲାପାଳ, ଡିଇଓଙ୍କ ନିର୍ଦ୍ଦେଶ ପରେ ପ୍ରଶାସନର ସ୍ଥିତି ଅନୁଧ୍ୟାନ



ପ୍ରଶାସନିକ ଅଧିକାରୀମାନେ ସୋମବାର ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ଗତ ଶନିବାର ତାର ଧରି ପିଲାମାନେ ଗଣ୍ଡ ପାରି ହେଉଛନ୍ତି।

**ଜାମୁଗଣ୍ଡ ନାଳରେ ତାର ବାନ୍ଧି ଛାତ୍ରୀଛାତ୍ର ପାର ହେବା ଘଟଣା**

ପାତ୍ରପୁର,୧୧।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ମହେନ୍ଦ୍ରତନୟା ନଦୀ ଶାଖା ଜାମୁଗଣ୍ଡ ନାଳରେ ବର୍ଷା ପାଣି ଆସିବାରୁ ଗ୍ରାମବାସୀ ବିଦ୍ୟୁତ୍ ତାର ବାନ୍ଧି ବିଦ୍ୟାଳୟକୁ ଯାଇଥିବା ଛାତ୍ରୀଛାତ୍ରୀଙ୍କୁ ବିପଦପୂର୍ଣ୍ଣ ଅବସ୍ଥାରେ ଗତ ଶନିବାର ଗାଁକୁ ଆଣିଥିଲେ। ଏହି ଖବର ଗଣମାଧମରେ ରବିବାର ପ୍ରକାଶ ପାଇବା ପରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଏହାର ତଦନ୍ତ ପାଇଁ ବ୍ଲକ ପ୍ରଶାସନକୁ ସୋମବାର ନିର୍ଦ୍ଦେଶ ଦେଇଥିଲେ । ପାତ୍ରପୁର ବିଡିଓ ପ୍ରକାଶ ଚନ୍ଦ୍ର ଦାସ, ତହସିଲଦାର ଅମିତ କୁମାର ନାୟକ, ବ୍ଲକ କନିଷ୍ଠ ଯନ୍ତ୍ରୀ ଓ ଜରଡା ଥାନା ଅଧିକାରୀ ଭବାନନ୍ଦ ପ୍ରଧାନ ପ୍ରମୁଖ ସୋମବାର ଘଟଣା ସ୍ଥଳରେ ସ୍ଥିତି ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ଛାତ୍ରୀଛାତ୍ରମାନେ ଯିବା ଆସିବା ପାଇଁ ନାଳରେ ଅସ୍ଥାୟୀ ଲୁହା ପୋଲ ନିର୍ମାଣ ସହ ଖରା ଦିନରେ ସ୍ଥାୟୀ ପୋଲ ତିଆରି ପାଇଁ ଆରଡି ବିଭାଗକୁ ନିର୍ଦ୍ଦେଶ ଦେବା ସହ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେବୁ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଅନ୍ୟ ପଟେ ଜିଲା ଶିକ୍ଷା ଅଧିକାରୀ ବନୀତା ସେନାପତି ଘଟଣାର ଅନୁଧ୍ୟାନ ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
ପ୍ରକାଶ ଯେ, ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଜାମୁଗଣ୍ଡ ନାଳ ପ୍ରତିବର୍ଷ ବର୍ଷା ପାଣିରେ ଭର୍ତ୍ତି ହୋଇଯାଏ। ଫଳରେ ପିଲାମାନେ ନାଳ ସେପଟ ପୁରିଆସାହିରେ ଥିବା ସ୍କୁଲକୁ ପଢିବାକୁ ଯିବାକୁ ହଇରାଣ ହୋଇଥାନ୍ତି। ଗତ ଶନିବାର କମଳାଖତ ନୂଆସାହିର ଗୋବିନ୍ଦ ମଣ୍ଡଳ, ଅନନ୍ତ ଭୂୟାଁ, ପୀତାମ୍ବର ମଣ୍ଡଳ, ବାଙ୍କିଆ ଭୂୟାଁ ଓ ନନ୍ଦ ରଇତ ନାଳ ଅତିକ୍ରମ ହୋଇ ପାଠ ପଢିବା ପାଇଁ ସ୍କୁଲକୁ ଯାଇଥିଲେ। ଛୁଟି ହୋଇ ଫେରିବା ବେଳକୁ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନାଳରେ ପାଣି ଭର୍ତ୍ତି ହୋଇଯାଇଥିଲା। ଫଳରେ ପିଲାମାନେ ଭୟଭୀତ ହୋଇ ନାଳ ସେ ପଟେ ରହି ଡାକ ଦେବାରୁ ଗ୍ରାମବାସୀ ତାର ବାନ୍ଧି ପିଲାମାନଙ୍କୁ ବିପଦ ସଂକୁଳ ଅବସ୍ଥାରେ ପାର କରିଥିଲେ।

### ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିଲେ ଦୁର୍ବୃତ୍ତ

ବୁଗୁଡ଼ା,୧୧।୭(ଡି.ଏନ.ଏ.)

ବୁଗୁଡ଼ା ସୀମାଞ୍ଚଳ ମାର୍ଗ ପ୍ରଥମ ଲାଇନରେ ରହୁଥିବା ତାକରଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସ୍ତ୍ରୀ ସୋମବାର ସକାଳେ ଘର ପାଖ ଗଛରୁ ଫୁଲ ତୋଳିବା ବେଳେ ଜଣେ ଲୁଟେରା ତାଙ୍କ ପଛପଟୁ ଆସି ଏକ ଧକ୍କା ମାରିଥିଲେ। ସେ ତଳେ ପଡିଯିବାରୁ ବେକରୁ ସୁନା ପୁସ୍ତ ମାଳି ଝାମ୍ପି ନେଇଥିଲା। ଚେନ ଟାଣିବା ବେଳେ ମହିଳା ଜଣକ ପାଟି କରିବା ସହ ଚେନଟିକୁ ଜାବୁଡି ଧରିବାରେ ଚେନର କିଛି ଅଂଶ ମହିଳାଙ୍କ ହାତରେ ରହିଥିଲେ ହେଁ ବାକି ଅଂଶ ଲୁଟେରା ଧରି ଚମ୍ପଟ ମାରିଥିଲା। ମହିଳାଙ୍କ ସ୍ୱାମୀ ଥାନାରେ ଏତଲା ଦେବା ପରେ ପୋଲିସ ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା ପରେ ତା'ଠାରୁ ଲୁଟ ସୁନା ଜବତ କରିଛି।

# ଜନ୍ମିତ ମା' କୋଳକୁ ଫେରିଲା ୩ ବର୍ଷର ଶିଶୁ

ବ୍ରହ୍ମପୁର ଅଫିସ,୧୧।୭

ପାଳିତ ମା' କୋଳରୁ ସୋମବାର ଜନ୍ମିତ ମା' କୋଳକୁ ଫେରିଛି ୩ ବର୍ଷର ଶିଶୁ। ସୋମବାର ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ବାଳାଶ୍ରମ କର୍ମଚାରୀ ଓ ସାମାଜିକ କର୍ମୀଙ୍କ ଉପସ୍ଥିତିରେ ଶିଶୁଟିକୁ ତା' ପରିବାରକୁ ହସ୍ତାନ୍ତର କରାଯାଇଥିଲା।
ସୂଚନାଯୋଗ୍ୟ, ସାରଦା ବେହେରା ଓ ବ୍ରହ୍ମାନନ୍ଦ ମହାରଣା ଦୁଇ ଘନିଷ୍ଠ ବନ୍ଧୁ । ଉଭୟ ବିଶାଖାପାଟଣାରେ ନିଜ ପରିବାର ସହ ରହୁଥିଲେ। ସାରଦାଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅ ଥିବା ବେଳେ ବ୍ରହ୍ମାନନ୍ଦଙ୍କ କୌଣସି ସନ୍ତାନ ନାହାନ୍ତି। ଆଜକୁ ୩ ବର୍ଷ ତଳେ ସାରଦାଙ୍କ ସ୍ତ୍ରୀ ମମତା ବେହେରାଙ୍କର ତୃତୀୟ ପୁତ୍ର ଜନ୍ମ ହୋଇଥିଲା। ହେଲେ ଶିଶୁଟିକୁ ୬ ଦିନ ହେବା ବେଳକୁ ମମତା କୌଣସି କାରଣରୁ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏଭଳି ସ୍ଥିତିରେ ବ୍ରହ୍ମାନନ୍ଦଙ୍କ ସ୍ତ୍ରୀ ରେଣୁବାଳା ମହାରଣା ମମତାଙ୍କ ଶିଶୁକୁ ଲାଳନପାଳନ କରିଥିଲେ। ଶିଶୁଟି ରେଣୁବାଳାଙ୍କ ପାଖରେ ରହିଆସୁଥିଲା।



ଜନ୍ମିତ ମା' କୋଳରେ ଶିଶୁ

କିଛି ମାସ ପରେ ମମତା ସୁସ୍ଥ ହୋଇ ଘରକୁ ଫେରିବା ପରେ ନିଜ ପୁଅକୁ ରେଣୁବାଳାଙ୍କଠାରୁ ଆଣିବାକୁ ଚାହିଁଥିଲେ। ହେଲେ ସେତେବେଳେ କରୋନା ବ୍ୟାପୀ ଥିବାରୁ ତାହା ଶେଷ ହେବା ପରେ ପୁଅକୁ ଫେରାଇ ଦେବେ ବୋଲି ରେଣୁବାଳା କହିଥିଲେ। କିନ୍ତୁ କରୋନା ପରେ ମଧ୍ୟ ସେ ପୁଅକୁ ଫେରାଇ ନ ଥିଲେ। ନିଜର କୌଣସି ସନ୍ତାନ ନ ଥିବାରୁ ମମତାଙ୍କର ପିଲାପ୍ରତି ଲୋଭ ବଢିଥିଲା। ଏପରିକି ସ୍ୱାମୀ ବ୍ରହ୍ମାନନ୍ଦ ବାରମ୍ବାର ବୁଝାଶୁଝା ଓ ତାଗିଦ ପରେ ମଧ ସେ ଫେରାଇ ନ ଥିଲେ। ଏହା ଭିତରେ ରେଣୁବାଳା ସ୍ୱାମୀ ବ୍ରହ୍ମାନନ୍ଦଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ସୁନାବେଡା ଥାନାରେ ଅଭିଯୋଗ କରିବା ସହ ବ୍ରହ୍ମପୁର ସ୍ଥିତ ନିଜ ବାପଘରକୁ ଚାଲି ଆସିଥିଲେ। ଆସିବା ବେଳେ ଶିଶୁ ପୁତ୍ରକୁ ମଧ ସାଙ୍ଗରେ ନେଇ ଆସିଥିଲେ। ଏପଟେ ନିଜ ପୁଅକୁ ଫେରିପାଇବା ପାଇଁ ମମତା କିଛିଦିନ ତଳେ ରେଣୁବାଳା ରହୁଥିବା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗରରେ ପହଞ୍ଚିଥିଲେ। ଘଟଣାକୁ ନେଇ ସେଠାରେ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ସମସ୍ତ ଚେଷ୍ଟା ସତ୍ତ୍ୱେ ପୁଅକୁ ଫେରି ନ ପାଇପାରୁ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ସହ ବୈଦ୍ୟନାଥପୁର ଥାନାରେ ଜଣାଇଥିଲେ। ବୈଦ୍ୟନାଥପୁର ପୋଲିସ ରେଣୁବାଳାଙ୍କ ନିକଟକୁ ଯାଇ ଶିଶୁଟିକୁ ଉଦ୍ଧାର କରିଥିଲା। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ ପ୍ରକାରେ ଶିଶୁଟିକୁ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ସୋମବାର ବାଳାଶ୍ରମରୁ ଶିଶୁକୁ ଆଣି ତା'ର ଜନ୍ମିତ ମାଆ ମମତା ବେହେରାଙ୍କୁ ହସ୍ତାନ୍ତର କରାଯାଇଥିଲା।

# ସଫେଇ ସ୍ଥାନରେ ଭାସିଲା ନର୍ଦ୍ଦମା ପାଣି

ବ୍ରହ୍ମପୁର ଅଫିସ,୧୧।୭

ବର୍ଷାଦିନେ ବ୍ରହ୍ମପୁର ସହରକୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗତ ୨ ତାରିଖରେ ଡ୍ରେନ୍ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ଏଥିପାଇଁ ବିଏମ୍‌ସି ପକ୍ଷରୁ ମହାନଗରର ୪୦ ୱାର୍ଡର ୧୧ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ବ୍ରହ୍ମପୁର ମେୟର, ବିଏମ୍‌ସି କମିଶନର ଓ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଥମେ କର୍ପୋରେଶନ ରୋଡ୍‌ଠାରୁ ଡ୍ରେନ୍ ସଫା କରାଯାଇଥିଲା। କିନ୍ତୁ ପ୍ରଥମ ଅଭିଯାନରେ ସଫେଇ କରାଯାଇଥିବା କର୍ପୋରେଶନ ରୋଡ୍‌ରେ ହିଁ ସୋମବାର ବର୍ଷାଜଳ ନିଷ୍କାସିତ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ଏପରି କି ନର୍ଦ୍ଦମା ପାଣି ଭର୍ତ୍ତି ହୋଇ ରହିଥିବାରୁ ଜଣେ ବାଇକ୍ ଆରୋହୀ ଯିବା ସମୟରେ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହୋଇଛନ୍ତି। ଉକ୍ତ ରାସ୍ତାରେ ପାଣି ଜମା ହୋଇ ରହିବା ଫଳରେ ୨ ଚକିଆଠାରୁ ଆରମ୍ଭ କରି ୪ ଚକିଆ ଯାନ ବୁଡ଼ିଯାଇଥିଲା। ସୋମବାର ପୂର୍ବାହ୍ନରୁ ମଧ୍ୟାହ୍ନ ଯାଏ ବର୍ଷା ଲାଗି ରହିଥିବା ବେଳେ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେବା ବିଏମ୍‌ସିର ସଫେଇ ଅଭିଯାନ ଫେଲ ମାରିଥିବା ସହରବାସୀ ଅଭିଯୋଗ କରିଛନ୍ତି। ବିଏମ୍‌ସି କେବଳ ସଫେଇ ମାଧମରେ ସହରକୁ ଜଳବନ୍ଦୀରୁ ମୁକ୍ତ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଏହା ସଫଳ ହୋଇ ନ ଥିବା ଅଭିଯୋଗ ହୋଇଛି। ସେହିପରି ନୂଆ ବସ୍‌ଷ୍ଟାଣ୍ଡ ମୁଖ୍ୟରାସ୍ତାରେ ମଧ ସମ ସମସ୍ୟା ଦେଖିବାକୁ ମିଳିଥିଲା। ଏପରି କି ବହୁ ଯାତ୍ରୀବାହୀ ବସ୍ ଓ ବାଇକ୍ ଚାଳକଙ୍କ ଯିବା ଆସିବାରେ ଅସୁବିଧା ହୋଇଥିଲା। ଏଭଳି ସହରର ବିଭିନ୍ନ ସ୍ଥାନରେ ନର୍ଦ୍ଦମା ପାଣିର ସୁଅ ଛୁଟୁଥିବା ଦେଖିବାକୁ ମିଳିଥିଲା। ତେବେ ସହରରେ ରହିଥିବା ସଂକୀର୍ଣ୍ଣ, ଅଧାପନ୍ତରିଆ ଓ ପୋତିହୋଇ ରହିଥିବା ଡ୍ରେନ୍‌ର ପୁନରୁଦ୍ଧାର ସହ ବର୍ଷାଜଳ ନିଷ୍କାସନ କ୍ଷେତ୍ରରେ ଅତ୍ୟାଧୁନିକ ପଦକ୍ଷେପ ଗ୍ରହଣ ପାଇଁ ଦାବି ହୋଇଛି।



କର୍ପୋରେଶନ ରୋଡ୍‌ରେ ନର୍ଦ୍ଦମା ପାଣି।

**ବିଏମ୍‌ସି ଜଳବନ୍ଦୀ ସଫେଇ ଅଭିଯାନ ଫେଲ**

# ବିଜୁ ଯୁବ, ଛାତ୍ର ଜନତା ଦଳର ଚାରାରୋପଣ

ବୁଗୁଡ଼ା,୧୧।୭(ଡି.ଏନ.ଏ.)

ବୁଗୁଡା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ ସାଙ୍କୁଲାଇ ପୀଠରେ ବିଜୁ ଜନତା ଦଳର ୨୫ତମ ବର୍ଷ ପୂର୍ତ୍ତି ଅବସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସୋମବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲା ବେଳେ ଜିଲା ଛାତ୍ର



ଉପସଭାପତି ହର ପ୍ରସାଦ ମହାପାତ୍ର, ଏନ୍‌ଏସି ଛାତ୍ର ସଭାପତି ଦୀପକ କୁମାର ମିଶ୍ର, ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ଅନ୍ତରପଡା ପଞ୍ଚାୟତ ସରପଞ୍ଚ ବସନ୍ତ ଶତପଥି, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଚାରାରୋପଣ କରିଥିଲେ।

# ଦୁଇ ମାମଲାରେ ୩ କୋର୍ଟ ଚାଲାଣ

**ଘରୋଇ ହିଂସା**

ବ୍ରହ୍ମପୁର ଅଫିସ,୧୧।୭

ଏକ ଘରୋଇ ହିଂସାକୁ କେନ୍ଦ୍ରକରି ଦୁଇଟି ଥାନାରେ ପୃଥକ୍ ଭାବେ ମାମଲା ରୁଜୁ ହୋଇଛି। ଏଥିରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଶ୍ୱଶୁର ଘରେ ପଶି ସ୍ତ୍ରୀଙ୍କ ବେକରେ ଛୁରି ରଖି ହତ୍ୟା ଉଦ୍ୟମ କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ସୁନେରା ବେଗମ୍ ଏନେଇ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ସରଫରାଜ ଖାନ୍(୩୫)। ମାମଲା ନମ୍ବର ୧୧୧/୨୨ରେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ସୁନେରା ଓ ତାଙ୍କ ସ୍ୱାମୀ ସରଫରାଜଙ୍କ ମଧରେ ଝଗଡ଼ା ହେବା ପରେ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉଭୟଙ୍କ ମଧରେ ଆପୋସ ବୁଝାମଣା କରିଥିଲା। ତେବେ ରବିବାର ଇଦୁଲ ଫିତର ପର୍ବ ଥିବାରୁ ସରଫରାଜ ନିଜ ଶ୍ୱଶୁର ଘର ପ୍ରେମନଗରକୁ ଯାଇଥିଲେ। ନିଜ ଝିଅକୁ ନେବା ପାଇଁ ସେ ଉଦ୍ୟମ କରିବାରୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସରଫରାଜ ସ୍ତ୍ରୀ'ଙ୍କୁ ଆକ୍ରମଣ କରିଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି। ଅନ୍ୟପଟେ ସରଫରାଜ ତାଙ୍କ ଶ୍ୱଶୁର ଶେଖ୍ ଆସିଫ୍‌ଙ୍କ ଘରକୁ ଯାଇଥିବା ବେଳେ ତାଙ୍କୁ ସେଠାରେ ଆକ୍ରମଣ କରାଯିବା ସହ ତାଙ୍କ ମୋବାଇଲ ଚୋରି ହୋଇଥିଲା। ପରେ ସେ ଏନେଇ ବଡ଼ବଜାର ଥାନାରେ ରବିବାର ଅଭିଯୋଗ କରିଥିଲେ। ବଡ଼ବଜାର ପୋଲିସ ମାମଲା ନମ୍ବର ୧୬୯/୨୨ରେ ଅଭିଯୋଗକାରୀଙ୍କ ଶ୍ୱଶୁର ଶେଖ୍ ଆସିଫ୍ (୫୨) ଓ ଶଳା ଶେଖ୍ ରିଜ୍‌ୱାନ(୨୯)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ଚଳନ୍ତା ଟ୍ରାକ୍ଟରରୁ ପଡ଼ି ଶ୍ରମିକ ମୃତ
### ଟ୍ରାକ୍ଟର ସହ ଚାଳକ ଫେରାର

ଦିଗପହଣ୍ଡି,୧୧।୭(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ନିକଟରେ ସୋମବାର ଅପରାହ୍ନରେ ଚଳନ୍ତା ଟ୍ରାକ୍ଟରରୁ ଗଳି ପଡ଼ି ଜଣେ ଶ୍ରମିକ ମୃତ୍ୟୁ ଘଟିଛି। ସେ ହେଲେ ଖମାରୀ ଗାଁର ବାବୁଲା ନାଇକ। ଦିଗପହଣ୍ଡି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି କେ. ନୂଆଗାଁ ପୋଲିସକୁ ଏନେଇ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଥାନା ମାମଲା ନଂ.୧୬୮/୨୨ ଅନୁଯାୟୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ବାବୁଲା ପ୍ରଚୁର ମଦ୍ୟପାନ କରି ଟ୍ରାକ୍ଟରରେ ବସିଥିଲେ। ଅସାବଧାନତା କାରଣରୁ ଖମାରୀ ଗାଁ ନିକଟ ଉଜ୍ଜଳେଶ୍ୱର ଶୈବପୀଠ ରାସ୍ତାରେ ଚଳନ୍ତା ଟ୍ରାକ୍ଟରରୁ ସେ ଗଳି ପଡ଼ିଥିବା ସହ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଭୟରେ ଟ୍ରାକ୍ଟର ଚାଳକ ଟ୍ରାକ୍ଟର ସହ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ସବିଶେଷ ତଦନ୍ତ ଚାଲିଛି।

# ଦୁଇ ମହିଳାଙ୍କ ବେକରୁ ସୁନାହାର ଲୁଟ୍

ବ୍ରହ୍ମପୁର ଅଫିସ,୧୧।୭

**ମହିଳା ଲୁଟେରା ସନ୍ଦେହ ଟିମ୍ ଗଠନ**

ବ୍ରହ୍ମପୁର ସହରରେ ଏବେ ପୁଣି ଚୋରି, ଲୁଟ୍ ଭଳି ଘଟଣା ଘଟିବାରେ ଲାଗିଛି। ପୋଲିସକୁ ସେମାନଙ୍କ ସୁରାକ୍ ମିଳିପାରୁନାହିଁ। ଗତ ସପ୍ତାହ ମଧରେ ବୈଦ୍ୟନାଥପୁର ଥାନା ଓ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ୪ରୁ ଊର୍ଦ୍ଧ୍ୱ ମହିଳାଙ୍କ ବେକରୁ ଲୁଟିଆମାନେ ସୁନାହାର ଝାମ୍ପି ନେଇଛନ୍ତି। ବିଭିନ୍ନ ଆଳ ଦେଖାଇ ଲୁଟିଆମାନେ ତାଙ୍କ କାରନାମା ଦେଖାଇଛନ୍ତି। ଲୁଟ୍ ହୋଇଥିବା ଅଞ୍ଚଳରେ ସିସିଟିଭି ଲାଗି ନ ଥିବାରୁ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଟାଉନ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତିଙ୍କ ନେତୃତ୍ୱରେ ଏହି ଟିମ୍ କାମ କରିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।
ରବିବାର ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ନିକଟରୁ ଦୁଇଜଣ ମହିଳାଙ୍କ ବେକରୁ ଲୁଟିଆମାନେ ସୁନାହାର ଝାମ୍ପି ନେଇଥିଲେ। ପ୍ରାଥମିକ ଅନୁସନ୍ଧାନରୁ ଇଚ୍ଛାପୁର ଅଞ୍ଚଳର କିଛି ମହିଳା ଲୁଟିଆ ଗ୍ୟାଙ୍ଗ୍ ଭକ୍ତ ବେଶରେ ଆସି ମହିଳାଙ୍କ ହାର କୌଶଳକ୍ରମେ ନେଇଯାଇଥିବା ପୋଲିସ ସନ୍ଦେହ କରୁଛି। ସେଠାରେ ରଥ ଉପରେ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରୁଥିବା ବେଳେ ଆରତିପ୍ରଭା ସାହୁଙ୍କ ବେକରୁ ୨୪ ଗ୍ରାମ୍‌ର ଏକ ସୁନାହାର କେହି ନେଇଯାଇଥିଲେ। ସେହିପରି ଅନ୍ୟ ଜଣେ ମହିଳା ଭକ୍ତ ମମତା କୁମାରୀ ପାତ୍ରଙ୍କ ବେକରୁ ୭୫ ଗ୍ରାମ୍‌ର ଏକ ସୁନାହାର ନେଇଯାଇଥିଲେ। ଏନେଇ ଉଭୟ ମହିଳା ଅଭିଯୋଗ କରିବା ପରେ ପୋଲିସ ୧୧୬/୨୨ ଓ ୧୧୭/୨୨ରେ ଦୁଇଟି ମାମଲା ରୁଜୁ କରିଛି। ସେହିପରି ବୈଦ୍ୟନାଥପୁର ଥାନା ଇଲାକାର ଦୁଇଟି ସ୍ଥାନରେ ପୃଥକ୍ ପୃଥକ୍ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ ଝାମ୍ପି ନେଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଦୁଇଟି ମାମଲା ମଧ ରୁଜୁ କରିଛି।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ସଫଳତା

ବ୍ରହ୍ମପୁର ଅଫିସ,୧୧।୭

**ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷା**

ଚଳିତ ବର୍ଷ ନିଟ୍ ଦ୍ୱାରା କରାଯାଇଥିବା ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ସଫଳତା ହାସଲ କରିଛି। ଏହି ପରୀକ୍ଷା ଗତ ୨୩ ତାରିଖରୁ ଆରମ୍ଭ ହୋଇ ୨୯ ରେ ଶେଷ ହୋଇଥିଲା। ଏଥିରେ ସର୍ବୋତ୍ତମ ପାରଦର୍ଶିତା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସତ୍ୟବ୍ରତ ନାୟକ ୯୯.୮୦%, ଜ୍ଞାନରଞ୍ଜନ ସାହୁ ୯୯.୪୮%, ତୁଷାର ରଞ୍ଜନ ପଣ୍ଡା ୯୯.୦୫%, ସୌମିକ ସାହୁ ୯୮.୪୬%, ଅମୃତାଂଶୁ ତ୍ରିପାଠୀ ୯୮.୪୪%, ରାଫିକ୍ କୁମାର ପ୍ରଧାନ ୯୮.୨୭%, ଓମ୍‌କାର ପ୍ରିୟଦର୍ଶୀ ସ୍ୱାଇଁ ୯୮.୦୭%, ହରିପ୍ରସାଦ ବେହେରା ୯୮.୦୬%, ବିଶାଲ ନାୟକ ୯୭.୯୫%, ଆଦିତ୍ୟ ପଟ୍ଟନାୟକ ୯୭.୮୭%, ଓମ୍ ପ୍ରକାଶ ପତି ୯୭.୫୭%, ଗୌତମ ରଣା ୯୭.୪୧%, ଚନ୍ଦନ କୁମାର ବେହେରା ୯୭.୨୬%, ସଞ୍ଜୀବ ଦାଶ ୯୭.୦୬%, ଆଲପରି ସେଠୀ ୯୭.୬%, ସ୍ମୃତି ରଞ୍ଜନ ସାହୁ ୯୬.୮୫%, ଅନ୍ୱେଷା ପାତ୍ର ୯୬.୭୯%, ଅବିନାଶ ମାଝି ୯୬.୭୮%, ଆଶୁତୋଷ ପଣ୍ଡା ୯୬.୭୭%, ଅନୁପ ଆଶିଷ ଦାଶ ୯୬.୬୩%, ଅନ୍ୱେଷ ପଟ୍ଟନାୟକ ୯୬.୩୧%, ଇପ୍‌ସିତା ପାତ୍ର ୯୬.୨୯%, ମନିଷ କୁମାର ଗୌଡ଼ ୯୬.୧୨% ରଖିଛନ୍ତି। ଏଥିସହ ୯୦ ରୁ ୯୯.୮୦% ମଧ୍ୟରେ ୪୫ ଛାତ୍ରୀଛାତ୍ର ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର କୋଚିଂ ଡିଭିଜନ ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ପ୍ରାଧାପକ ଗଙ୍ଗାଧର ପରିଡ଼ା, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ନାଗେସ ବାବୁ, ସ୍ନେହାଶିଷ ଭୂୟାଁ, କଲ୍ୟାଣ ଚକ୍ରବର୍ତ୍ତୀ, ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ଜି. ସୁରେଶ, ମିଥିଲେସ ସିଂ, ମନୋରଞ୍ଜନ ସାହୁ, ରମେଶ କୁମାରଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି। ଛାତ୍ରୀଛାତ୍ରଙ୍କର ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ.ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀ ସୁଦର୍ଶନ ପାଢ଼ୀ, ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ହରିକୃଷ୍ଣ ପାଢ଼ୀ, ଅଧକ୍ଷ ଏସ୍.ମୋହନ ରାଓ, ପ୍ରାଧାନାଚାର୍ଯ୍ୟ ଉମାଧବ ମହାନ୍ତି, ମହାବିଦ୍ୟାଳୟ ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଓ କୋଚିଂ ଡିଭିଜନର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ।

